# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 18 December - 2024

### News Editor : Tapan Kumar Maharana

*************************************

## ମୁଖ୍ୟ ସମ୍ବାଦ

- ଆସନ୍ତା ଦୁଇମାସ ମଧ୍ୟରେ ଗ୍ରାମାଞ୍ଚଳରେ ଆବାସ ସର୍ଭେ ଶେଷ ହେବ; କହିଲେ, ପଞ୍ଚାୟତିରାଜ ମନ୍ତ୍ରୀ

- ଭୁବନେଶ୍ୱରରେ ଆଜିଠାରୁ ଆରମ୍ଭ ହେବ ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବ

- 'ଭୂତି-ଭକ୍ତି-ବିଭୂତି' ପ୍ରବନ୍ଧ ପୁସ୍ତକ ପାଇଁ ବୈଷ୍ଣବ ଚରଣ ସାମଲ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

- ଦିବା ପହୁଡ଼ ନୀତି ପାଇଁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ରହିଛି ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ

ଏବଂ

- ପଶ୍ଚିମାଝଡ଼ ପ୍ରଭାବରେ ସୋମବାର ପର୍ଯ୍ୟନ୍ତ ରାଜ୍ୟର କେତେକ ଜିଲ୍ଲାରେ ସ୍ୱଳ୍ପ ବର୍ଷା ସହିତ କୋହଲା ପାଗ ନେଇ ଅନୁମାନ କଲା ପାଣିପାଗ ବିଭାଗ

## ଆବାସ ସର୍ବେକ୍ଷଣ

ଆସନ୍ତା ଦୁଇମାସ ମଧ୍ୟରେ ଗ୍ରାମାଞ୍ଚଳରେ ଆବାସ ସର୍ଭେ ଶେଷ ହେବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି । ବର୍ତ୍ତମାନ ଗ୍ରାମାଞ୍ଚଳରେ ଗରିବ ବାସହୀନ ପରିବାର ଚିହ୍ନଟ କରିବା ପାଇଁ ସର୍ଭେ ପ୍ରକ୍ରିୟା ଜାରି ରହିଛି ଏବଂ ଗ୍ରାମସଭା ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯାଉଛି । ଯେଉଁ ହିତାଧିକାରୀମାନେ ସରକାରୀ ବାସଗୃହ ପାଇବାରୁ ବଞ୍ଚିତ ଅଛନ୍ତି ସେମାନଙ୍କୁ ଉପଯୁକ୍ତ ଥଇଥାନ କରିବା ଲାଗି ସରକାର ଚେଷ୍ଟା ଜାରି ରଖିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ।

## ଏନସିଇଆରଟି-ଶିକ୍ଷାମନ୍ତ୍ରୀ

ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ-ଏନ.ସି.ଇ.ଆର.ଟି. ଆସନ୍ତା ଶିକ୍ଷାବର୍ଷଠାରୁ କେତେକ ଶ୍ରେଣୀର ପାଠ୍ୟପୁସ୍ତକର ଦାମ ଶସ୍ତା କରିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସଂସଦରେ ଏ ସମ୍ପର୍କରେ ସୂଚନାଦେଇ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଏନ.ସି.ଇ.ଆର.ଟି. ଆସନ୍ତା ଶିକ୍ଷାବର୍ଷରୁ ୧୫କୋଟି ଗୁଣାତ୍ମକମାନର ପୁସ୍ତକ ପ୍ରକାଶ କରି ସୁଲଭ ଦରରେ ଛାତ୍ରଛାତ୍ରୀମାନଙ୍କୁ ଯୋଗାଇଦେବ । ୨୦୨୬-୨୭ ଶିକ୍ଷାବର୍ଷରୁ ନୂତନ ଶିକ୍ଷାନୀତି ଅନୁସାରେ ନବମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପରିବର୍ତ୍ତିତ ପାଠ୍ୟପୁସ୍ତକ ପ୍ରଦାନ କରାଯିବ ।

ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଗତ ୧୦ବର୍ଷ ମଧ୍ୟରେ କେନ୍ଦ୍ର ସରକାର ୪୨ଟି ନୂଆ କେନ୍ଦ୍ରୀୟ ଉଚ୍ଚ

ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଛନ୍ତି । ସେଗୁଡିକ ମଧ୍ୟରେ ୮ଟି ନୂଆ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ୭ଟି ନୂଆ ଆଇ.ଆଇ.ଟି, ୮ଟି ନୂଆ ଆଇ.ଆଇ.ଏମ୍, ୨ଟି ଆଇଜର ଓ ଆଇ.ଆଇ.ଏସ୍.ଟି, ଗୋଟିଏ ଏନ୍.ଆଇ.ଟି ଓ ଆଇ.ଆଇ.ଇ.ଏସ୍.ଟି ଏବଂ ୧୬ଟି ଟ୍ରିପୁଲ ଆଇ.ଆଇ.ଟି ସ୍ଥାପନ କରାଯାଇଛି ।

## ସର୍ଗିଫୁଲ

ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବ-୨୦୨୪ ଆଜିଠାରୁ ଭୁବନେଶ୍ୱର ୟୁନିଟ୍-୧ ଆଦିବାସୀ ପଡ଼ିଆଠାରେ ଆରମ୍ଭ ହେଉଛି। ତିନିଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବରେ ୩୦ଟି ଜିଲ୍ଲାରୁ ୩୫୧ ଜଣ ଛାତ୍ର, ୭୩୧ ଜଣ ଛାତ୍ରୀ ଏବଂ ୧୩୯ ଜଣ କ୍ରୀଡ଼ା ଶିକ୍ଷକ ଓ ମାର୍ଗଦର୍ଶୀ ଶିକ୍ଷକ ଭାଗ ନେବେ। ଅନୁସୂଚିତ ଜାତି ଓ ଜନଜାତି ବର୍ଗର ୧୦୦ଜଣ ଛାତ୍ରଛାତ୍ରୀଙ୍କୁ ଦଶମ ବୋର୍ଡ ପରୀକ୍ଷାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସମ୍ମାନିତ କରାଯିବ । ବୋର୍ଡ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୫୦ଟି ହାଇସ୍କୁଲକୁ ପୁରସ୍କୃତ କରାଯିବା ସହିତ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ପତ୍ରିକା 'ସର୍ଗିଫୁଲ-୨୦୨୪' ଲୋକାର୍ପଣ କରାଯିବ ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲିଠାରୁ ୫ ଦିନିଆ ଗସ୍ତରେ ଦିଲ୍ଲୀ ଓ ରାଜସ୍ଥାନ ଯିବେ। ଆସନ୍ତା ଶନିବାର ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ରାଜସ୍ଥାନରେ ରହିବେ ଏବଂ ପରେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ। ଦିଲ୍ଲୀରେ ଶ୍ରୀ ମାଝୀ ୫୫ତମ ଜି.ଏସ.ଟି. ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି।

## ଧାନକିଣା ପ୍ରକ୍ରିୟା ଜାରି

ରାଜ୍ୟର ୧୧ଟି ଜିଲ୍ଲା-ବରଗଡ, ସମ୍ବଲପୁର, ନୂଆପଡା, ବଲାଙ୍ଗିର, କଳାହାଣ୍ଡି, ସୁବର୍ଣ୍ଣପୁର, କୋରାପୁଟ, ଝାରସୁଗୁଡା, ମାଲକାନଗିରି, ନବରଙ୍ଗପୁର ଓ କେନ୍ଦୁଝର ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି । ଏହି ଜିଲ୍ଲାଗୁଡିକରେ ଧାନ ସଂଗ୍ରହ ପ୍ରକ୍ରିୟାରେ ୩୨୩ଜଣ ସୁପରଭାଇଜର ଏବଂ ୧ହଜାର ୨୮୨ଜଣ ନୋଡାଲ ଅଫିସର ନିଯୁକ୍ତ ହୋଇଛନ୍ତି । ରାଜ୍ୟ ସରକାର ପଞ୍ଜୀକୃତ ଚାଷୀମାନଙ୍କଠାରୁ ଧାନକିଣା ସହିତ କୁଇଣ୍ଟାଲ ପିଛା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରେ ୨୩ଶହ ଟଙ୍କା ଏବଂ ଇନ୍‌ପୁଟ୍ ସହାୟତା ବାବଦରେ ୮ଶହ ଟଙ୍କା ପ୍ରଦାନ କରୁଛନ୍ତି ।

ଚଳିତ ଖରିଫ ଋତୁରେ **ନବରଙ୍ଗପୁର** ଜିଲ୍ଲାରେ ଚାଷୀଙ୍କଠାରୁ ଧାନ କିଣା ପ୍ରକ୍ରିୟା ଜାରି ରହିଛି। ଜିଲ୍ଲାର ୪୨ ହଜାର ୪୧୧ ଜଣ ଚାଷୀ ଧାନ ବିକିବା ପାଇଁ ପଞ୍ଜୀକରଣ କରିଛନ୍ତି। ନବରଙ୍ଗପୁର ଜିଲ୍ଲାର ସୀମାନ୍ତ

ଅଂଚଳରୁ ଧାନର ଚୋରାଚାଲାଣ କୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି ।

# ଦିବା ପହୁଡ ନୀତି

**ପୁରୀ** ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଆଜି ଦିବା ପହୁଡ ନୀତି ଅନୁଷ୍ଠିତ ହେବ । ମହାପ୍ରଭୁଙ୍କର ଏହି ନୀତି ପାଇଁ ଅପରାହ୍ନ ୨ଟା ୩୦ମିନିଟ୍‌ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି । ଅନ୍ୟପକ୍ଷରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆଜି ପହୁଡ ନୀତି ଯୋଗୁଁ ବନ୍ଦ ରହିଛି ।

## ଯକ୍ଷ୍ମାମୁକ୍ତ ଭାରତ

ଭାରତକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ଦେଶବ୍ୟାପୀ ଚାଲିଥିବା ୧୦୦ ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନକୁ **ସୁବର୍ଣ୍ଣପୁର** ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ତ୍ୱରାନ୍ୱିତ କରାଯାଇଛି । ଜିଲ୍ଲାରେ ଯକ୍ଷ୍ମା ରୋଗୀଙ୍କ ଚିହ୍ନଟ ସହ ରୋଗ ନିରାକରଣ ନିମନ୍ତେ କ୍ଷେତ୍ରୀୟ ସ୍ତରରେ ସ୍ୱାସ୍ଥ୍ୟକର୍ମୀଙ୍କ ସହାୟତାରେ ପରୀକ୍ଷଣ ଓ ବିନା ମୂଲ୍ୟରେ ଔଷଧ ବଣ୍ଟନ କାର୍ଯ୍ୟ ଜାରି ରହିଛି । ସୁବର୍ଣ୍ଣପୁର ଜିଲ୍ଲାରେ ଚାଲିଥିବା ଯକ୍ଷ୍ମା ନିରାକରଣ ଅଭିଯାନ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର **ପ୍ରଦୀପ ଗୁରୁ** କହିଛନ୍ତି....

**- V/O –**

## ସାହିତ୍ୟ ଏକାଡେମୀ ପୁରସ୍କାର

ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କ ଦ୍ୱାରା ରଚିତ ପ୍ରବନ୍ଧ ପୁସ୍ତକ 'ଭୂତି-ଭକ୍ତି-ବିଭୂତି'କୁ ମର୍ଯ୍ୟାଦାଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଛି। ପ୍ରବନ୍ଧ ଓ ସମାଲୋଚନା କ୍ଷେତ୍ରରେ ଆଗଧାଡିର ଲେଖକମାନଙ୍କ ମଧ୍ୟରେ ପ୍ରଫେସର ସାମଲଙ୍କ ପୁସ୍ତକ ଚଳିତବର୍ଷ ପାଇଁ ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛି। ପ୍ରଫେସର ସାମଲ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଶାନ୍ତି ନିକେତନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ବରିଷ୍ଠ ଅଧ୍ୟାପକ ଭାବେ କାର୍ଯ୍ୟ ନିର୍ବାହ କରିଛନ୍ତି।

## ଉପଭୋକ୍ତା-ବିକ୍ରେତା ସମାବେଶ

ଗ୍ରାମୀଣ ଉପଭୋକ୍ତା ଓ ବିକ୍ରେତାଙ୍କ ମଧ୍ୟରେ ସିଧାସଳଖ ଯୋଗାଯୋଗ ସ୍ଥାପନ କରିବା ଆଭିମୁଖ୍ୟ ନେଇ ଆଜି କଟକ ନୌବାଣିଜ୍ୟ ସଂଗ୍ରହାଳୟଠାରେ ଉପଭୋକ୍ତା-ବିକ୍ରେତା ସମାବେଶ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସମାବେଶକୁ ଉଦଘାଟନ କରି ବିଭିନ୍ନ ସରକାରୀ ତଥା ବେସରକାରୀ କାର୍ଯ୍ୟକ୍ରମଗୁଡିକରେ କାରିଗରମାନଙ୍କର ହାତ ତିଆରି ଉତ୍ପାଦଗୁଡିକୁ ଅଧିକରୁ ଅଧିକ ଉପଯୋଗ କରିବା ପାଇଁ  କହିଥିଲେ।  ଗ୍ରାମାଂଚଳର ଉତ୍ପାଦକ ଗୋଷ୍ଠୀ କିପରି ସେମାନଙ୍କ ଉତ୍ପାଦର ବିକାଶ, ଏହାର ବିବିଧକରଣ ତଥା ଖୁଚୁରା ବିକ୍ରୟ ବ୍ୟବସ୍ଥାରେ ବ୍ରାଣ୍ଡର ଉନ୍ନତିକରଣ କରିପାରିବେ ସେ ସମ୍ପର୍କରେ

ସମାବେଶରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ବ୍ରାଣ୍ଡିଙ୍ଗ ଓ ପ୍ୟାକେଜିଂ ଭଳି ଦିଗଗୁଡିକୁ ଗୁରୁତ୍ୱ ଦେଇ ନିଜ ନିଜର ଉତ୍ପାଦକୁ ଅଧିକ ଆକର୍ଷଣୀୟ ତଥା ବଜାର ଅନୁକୂଳ କରାଇନେବାକୁ ଜିଲ୍ଲାପାଳ ଉତ୍ପାଦକ ଗୋଷ୍ଠୀମାନଙ୍କୁ ପରାମର୍ଶ ଦେଇଥିଲେ।

## ଆଧ୍ୟାତ୍ମିକ ଶାସ୍ତ୍ର ପ୍ରବଚନ

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁର ହିଲପାଟଣାସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ଆସନ୍ତା ୨୩ ତାରିଖଠାରୁ ୬ ଦିନ ଧରି ଏକ ଆଧ୍ୟାତ୍ମିକ ଶାସ୍ତ୍ର ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାର ଉଦ୍‌ଘାଟନୀ ସନ୍ଧ୍ୟାରେ ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବ ମୁଖ୍ୟଅତିଥି ଭାବେ ଯୋଗ ଦେବେ। ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସମ୍ମାନିତ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ।  କାର୍ଯ୍ୟକ୍ରମରେ ଚିନ୍ମୟ ମିଶନ୍ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରୀୟ ମୁଖ୍ୟ ସ୍ୱାମୀ ଅଭେଦା ନନ୍ଦଜୀ ଯୋଗଦେଇ ଦିବ୍ୟ ପ୍ରବଚନ ପ୍ରଦାନ କରିବେ ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଚିନ୍ମୟ ମିଶନ ବ୍ରହ୍ମପୁର ଶାଖା ପକ୍ଷରୁ କୁହାଯାଇଛି।

## ଉନ୍ନୟନମୂଳକ କାମ ତଦାରଖ

**ଗଞ୍ଜାମ** ଜିଲ୍ଲା ଦାୟିତ୍ୱରେ ଥିବା ସଚିବ ତଥା କମିଶନର୍ ବଳବନ୍ତ ସିଂ ଦିଗପହଣ୍ଡି ବ୍ଲକ୍‌ର ବାସୁଦେବ ପଞ୍ଚାୟତ ବୁଲି ଦେଖିବା ସହିତ ବ୍ଲକ୍‌ରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସରକାରୀ

ଅନୁଦାନରେ ନିର୍ମିତ ଜଗନ୍ନାଥ ହାଇସ୍କୁଲ୍, ଅଙ୍ଗନୱାଡି କେନ୍ଦ୍ର ଏବଂ ମିଶନଶକ୍ତି ଗୃହ ଅଗ୍ରଗତି କାର୍ଯ୍ୟର ସମୀକ୍ଷା କରିଥିଲେ। ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ।

## ସ୍ମାର୍ଟ ଫୋନ୍ ରପ୍ତାନୀ

ସ୍ମାର୍ଟ ଫୋନ୍ ରପ୍ତାନୀକାରୀ ଦେଶଗୁଡ଼ିକ ମଧ୍ୟରେ ଭାରତ ବିଶ୍ୱରେ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ୨୦୧୯ରେ ୨୩ତମ ସ୍ଥାନରେ ରହିଥିଲା। ଗତ ନଭେମ୍ବର ମାସରେ ଦେଶର ସ୍ମାର୍ଟ ଫୋନ୍ ରପ୍ତାନୀ ୨୦ ହଜାର କୋଟି ଟଙ୍କା ଅତିକ୍ରମ କରିଛି ବୋଲି କମ୍ପାନୀଗୁଡ଼ିକ ପକ୍ଷରୁ ଦାଖଲ ହୋଇଥିବା ତଥ୍ୟରୁ ସୂଚନା ମିଳିଛି। ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଏହି ସଫଳତା ପାଇଁ ସମସ୍ତଙ୍କ ସହଯୋଗକୁ ଉଚ୍ଚପ୍ରଶଂସା କରିଛନ୍ତି।

## ପ୍ରବାସୀ ଶ୍ରମିକ ଦିବସ

ପ୍ରବାସୀ ଶ୍ରମିକ ଏବଂ ସେମାନଙ୍କର ପରିବାରର ଅଧିକାର ଏବଂ ସୁରକ୍ଷା ସହିତ ଦେଶ ଏବଂ ସମାଜ ଗଠନରେ ସେମାନଙ୍କର ଅବଦାନକୁ ଲୋକଲୋଚନକୁ ଆଣିବା ଲାଗି ଆଜି ଆନ୍ତର୍ଜାତୀୟ ପ୍ରବାସୀ ଶ୍ରମିକ ଦିବସ

ପାଳନ କରାଯାଉଛି । ଦେଶର ଅର୍ଥନୀତିରେ  ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକଙ୍କର ଅବଦାନ ଏବଂ ଅଧିକାର ବାବଦରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ୨୦୦୦ମସିହାରୁ ଏହି ଦିବସ ପାଳନ କରାଯାଉଛି ।

## ପାଣିପାଗ

ପଶ୍ଚିମା ଝଡ଼ ପ୍ରଭାବରେ ଆସନ୍ତା ସୋମବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପ ବର୍ଷା ସହିତ ପାଗ କୋହଲା ରହିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ଆସନ୍ତା ଚାରିଦିନ ମଧ୍ୟରେ ରାତିର ସର୍ବନିମ୍ନ ତାପମାତ୍ରା ୩ରୁ ୫ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ପୁରୀ, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ରାୟଗଡା, ନବରଙ୍ଗପୁର, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାରେ ଆଜି ଘଡ଼ଘଡ଼ି ସହିତ କମ୍‌ରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଗତକାଲି କନ୍ଧମାଳ ଜିଲ୍ଲାର ଘୁମୁସର-ଉଦୟଗିରିରେ ରାତିର ସର୍ବନିମ୍ନ ତାପମାତ୍ରା ୪ଦଶମିକ ୭ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିଲା ।